# NATIONAL NEWS BULLETIN (ODIA)

**14 May- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସହ ସେନାମୁଖ୍ୟ ଏବଂ ତିନି ବାହିନୀର ମୁଖ୍ୟଙ୍କ ସାକ୍ଷାତ୍ ଆଲୋଚନା ।

- ଅପରେସନ ସିନ୍ଦୂର ମାଧ୍ୟମରେ ପାକିସ୍ତାନ ଏବଂ ପାକ୍ ଅଧିକୃତ ଅଞ୍ଚଳର ଗୁଡ଼ିକର ଆତଙ୍କବାଦୀ ଶିବିରଗୁଡ଼ିକ ଉପରେ ଭାରତର ଆକ୍ରମଣ ବିଶ୍ୱର ଦୃଷ୍ଟି ଆକର୍ଷଣ କରିଛି ।

- ଦେଶର ୫୨ତମ ପ୍ରଧାନ ବିଚାରପତି ଭାବେ ଦାୟିତ୍ୱ ଗ୍ରହଣ କଲେ ଜଷ୍ଟିସ ଭୂଷଣ ରାମକୃଷ୍ଣ ଗଭାଇ ।

- ପଞ୍ଜାବ ବିଷାକ୍ତମଦ୍ୟପାନ ଜନିତ ଘଟଣାରେ ମୃତ୍ୟୁସଂଖ୍ୟା ୨୩କୁ ବୃଦ୍ଧି ।

ଏବଂ

- ଥାଇଲାଣ୍ଡ ଓପନ ବ୍ୟାଡମିଣ୍ଟନ ଚାମ୍ପିୟନସିପ୍ର ମହିଳା ଏକକ ବର୍ଗରେ ଆକର୍ଷି କାଶ୍ୟପ ଏବଂ ଉନ୍ନତି ହୁଡା ପ୍ରି-କ୍ୱାର୍ଟର ଫାଇନାଲ ପର୍ଯ୍ୟାୟକୁ ଉନ୍ନୀତ ।

## ପ୍ରେଜ୍ ଫୋର୍ସେସ୍ ଚିଫ୍

ସେନାମୁଖ୍ୟ ଜେନେରାଲ ଅନୀଲ ଚୌହ୍ୱାନଙ୍କ ସହିତ ସ୍ଥଳସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ, ବାୟୁସେନା ମୁଖ୍ୟ ଏୟାର ଚିଫ୍ ମାର୍ଶାଲ ଏ.ପି. ସିଂହ ଏବଂ ନୌସେନା ମୁଖ୍ୟ ଆଡମିରାଲ ଦୀନେଶ କୁମାର ତ୍ରିପାଠୀ ଆଜି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସହ ସାକ୍ଷାତ୍ ଆଲୋଚନା କରିଛନ୍ତି । ଅପରେସନ ସିନ୍ଦୂର ଏବଂ ଏହାର ପରବର୍ତ୍ତୀ ପରିସ୍ଥିତି ନେଇ ସେମାନେ ରାଷ୍ଟ୍ରପତିଙ୍କୁ ଅବଗତ କରାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ରାଷ୍ଟ୍ରପତି ଭାରତୀୟ ସେନାର ସାହସ, ସମର୍ପଣ ଭାବକୁ ଉଚ୍ଚ ପ୍ରଶଂସା କରିଛନ୍ତି । ସେନାର ଅବଦାନ ଯୋଗୁଁ ଆତଙ୍କବାଦ ବିରୁଦ୍ଧରେ ଭାରତ ସଫଳ ପଦକ୍ଷେପ ଗ୍ରହଣ କରିପାରିଛି ବୋଲି ରାଷ୍ଟ୍ରପତି କହିଛନ୍ତି ।

## ଆକାସ୍ତିର୍

ପାକିସ୍ତାନ ଏବଂ ପାକ୍ ଅଧିକୃତ ଜାମ୍ମୁକାଶ୍ମୀର ଅଞ୍ଚଳରେ ଆତଙ୍କବାଦୀ ଶିବିର ଗୁଡ଼ିକ ଉପରେ ଅପରେସନ ସିନ୍ଦୂର ମାଧ୍ୟମରେ ଭାରତର ଆକ୍ରମଣ ବିଶ୍ୱର ଦୃଷ୍ଟି ଆକର୍ଷଣ କରିଛି । ଏହି ଆକ୍ରମଣରେ ୧୦୦ରୁ ଊର୍ଦ୍ଧ୍ୱ ଆତଙ୍କବାଦୀ ନିହତ ହେବା ସହ ପାକିସ୍ତାନର ବହୁ ଭିତ୍ତିଭୂମି କ୍ଷେତ୍ର ନଷ୍ଟ ହୋଇଛି । ବାୟୁ ପ୍ରତିରକ୍ଷା ବ୍ୟବସ୍ଥାରେ ଆକାଶତୀର୍ ନେଇ ଏବେ ସବୁଠି ଚର୍ଚ୍ଚା ହେଉଛି । କୃତ୍ରିମ ବୁଦ୍ଧିମତା ପରିଚାଳିତ ଆକାଶତୀର୍ ମାଧ୍ୟମରେ

ପାକିସ୍ତାନରେ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ପ୍ରଭାବୀ ଆକ୍ରମଣ କରାଯାଇ ପାରିଥିଲା । ସମ୍ପୂର୍ଣ୍ଣ ସ୍ୱଦେଶୀ ଢ଼ଙ୍ଗରେ ପ୍ରସ୍ତୁତ ଆକାଶତୀର୍ ବ୍ୟବସ୍ଥା ଭାରତରେ ବ୍ୟାପକ ବୈଷୟିକ କ୍ଷେତ୍ର ଏବଂ ଆତ୍ମନିର୍ଭରଶୀଳତାକୁ ପ୍ରତିପାଦନ କରୁଛି । ଏପରିକି ପାକିସ୍ତାନର ବାୟୁ ପ୍ରତିରକ୍ଷା ବ୍ୟବସ୍ଥା ଏହାକୁ ବିଫଳ କରିବାରେ ସକ୍ଷମ ହୋଇପାରିନାହିଁ । ପାକିସ୍ତାନର ୧୩ଟି ଅଞ୍ଚଳରେ ଭାରତ ସଫଳତାର ସହ ଆକ୍ରମଣ କରିଥିଲା । ସେଥିମଧ୍ୟରୁ ୮ଟି ବିମାନ ଭିତ୍ତିଭୂମି ରହିଛି । ଶତ୍ରୁପକ୍ଷର ବିମାନ, ଡ୍ରୋନ୍ ଏବଂ କ୍ଷେପଣାସ୍ତ୍ରର ଚିହ୍ନଟ, ଟ୍ରାକିଂ ତଥା ପ୍ରତିହତ ପ୍ରଣାଳୀକୁ ସ୍ୱୟଂଚାଳିତ ଭାବେ କରିବା ପାଇଁ ଏଭଳି ବ୍ୟବସ୍ଥାର ଡିଜାଇନ୍ କରାଯାଇଛି । ବିଭିନ୍ନ ରାଡାର ବ୍ୟବସ୍ଥା, ସେନ୍‌ସର ଏବଂ ଯୋଗାଯୋଗ ପ୍ରଯୁକ୍ତି ବିଦ୍ୟାକୁ ସମନ୍ୱିତ ଢ଼ାଞ୍ଚାରେ ପରିଚାଳନା କରାଯାଇ ବାୟୁ ପ୍ରତିରକ୍ଷା କ୍ଷେତ୍ରରେ ଭାରତ ପ୍ରଭାବଶାଳୀ ପଦକ୍ଷେପ ଗ୍ରହଣ କରିପାରିଛି ।

## ସିଜେଆଇ ଗଭାଇ ଓଥ୍

ଜଷ୍ଟିସ ଭୂଷଣ ରାମକୃଷ୍ଣ ଗଭାଇ ଆଜି ଦେଶର ୫୨ତମ ପ୍ରଧାନ ବିଚାରପତି ଭାବେ ଶପଥଗ୍ରହଣ କରିଛନ୍ତି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପୂର୍ବାହ୍ନରେ ରାଷ୍ଟ୍ରପତି ଭବନରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ଜଷ୍ଟିସ ଗଭାଇଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି ।

**V/O (Chief Justice Oath)**

ଜଷ୍ଟିସ ଗଭାଇ ପୂର୍ବତନ ପ୍ରଧାନ ବିଚାରପତି ଜଷ୍ଟିସ ସଞ୍ଜିବ ଖାନ୍ନାଙ୍କ ସ୍ଥାନରେ ଅବସ୍ଥାପିତ ହୋଇଚନ୍ତି । ଜଷ୍ଟିସ ଖାନ୍ନା ଗତକାଲି ପ୍ରଧାନବିଚାରପତି ପଦରୁ ଅବସର ଗ୍ରହଣ କରିଛନ୍ତି । ଶପଥ ଗ୍ରହଣ ସମାରୋହରେ ଉପରାଷ୍ଟ୍ରପତି ଜଗଦୀପ ଧନଖଡ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, କେନ୍ଦ୍ର ମନ୍ତ୍ରିମଣ୍ଡଳର ବହୁ ସଦସ୍ୟ ଏବଂ ସୁପ୍ରିମକୋର୍ଟର ବିଚାରପତିଗଣ ଉପସ୍ଥିତ ଥିଲେ ।

## ପଞ୍ଜାବ ବିଏସ୍ଏଫ୍ ଜବାନ ରିଟେଣ୍ଡ

ସୀମା ସୁରକ୍ଷା ବାହିନୀ ଜବାନ ପୂର୍ଣ୍ଣମ କୁମାର ସ ଆଜି ସକାଳେ ପାକିସ୍ତାନରୁ ପ୍ରତ୍ୟାବର୍ତ୍ତନ କରିଛନ୍ତି । ଗତମାସ ୨୩ ତାରିଖରେ ଅଜାଣତ ଭାବରେ ଭାରତ-ପାକିସ୍ତାନ ମଧ୍ୟରେ ଆନ୍ତର୍ଜାତିକ ସୀମାକୁ ଅତିକ୍ରମ କରିଥିବାରୁ ପାକିସ୍ତାନ ରେଞ୍ଜର୍ସ ତାଙ୍କୁ ଗିରଫ କରିଥିଲା । ତେବେ ଜବାନ ଶ୍ରୀ ସ'ଙ୍କର ଭାରତକୁ ପ୍ରତ୍ୟାବର୍ତ୍ତନ ନେଇ ସୀମା ସୁରକ୍ଷା ବାହିନୀ ପକ୍ଷରୁ ସ୍ପଷ୍ଟ କରାଯାଇଛି । ଆମ ଜଳନ୍ଧର ସମ୍ବାଦଦାତା କହିଛନ୍ତି ଅମୃତସରର ଅଟାରି ଯୁଗ୍ମ ପୋଷ୍ଟ ନିକଟରେ ତାଙ୍କୁ ଶାନ୍ତିପୂର୍ଣ୍ଣ ଭାବରେ ଏବଂ ମାର୍ଗଦର୍ଶିକା ଅନୁଯାୟୀ ଭାରତକୁ ହସ୍ତାନ୍ତର କରାଯାଇଛି ।  ସୀମା ନିକଟରେ ବସବାସ କରୁଥିବା ଚାଷୀଙ୍କୁ ସୁରକ୍ଷା ଦେବାରେ ସେ କାର୍ଯ୍ୟରତ ଥିଲେ ।

# ଶିବରାଜ ଚୌହ୍ୱାନ-ଗୁଆହାଟି ଭିଜିଟ୍

କୃଷି, କୃଷକ କଲ୍ୟାଣ ଏବଂ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଶିବରାଜ ସିଂହ ଚୌହ୍ୱାନ ଚାରିଦିନିଆ ଉତ୍ତରପୂର୍ବ ରାଜ୍ୟକୁ ଗସ୍ତ ଅବସରରେ ଆଜି ସଂଧ୍ୟାରେ ଗୁଆହାଟୀଠାରେ ପହଞ୍ଚିବେ । ସେଠାରୁ ସେ କାଜିରଙ୍ଗା ଜାତୀୟ ପାର୍କକୁ ଗସ୍ତ କରି ସେଠାରେ ରାତ୍ରିଯାପନ କରିବେ । ଆସନ୍ତାକାଲି ସକାଳୁ ଶ୍ରୀ ଚୌହ୍ୱାନ ମିଜୋରାମ ଗସ୍ତରେ ଯିବେ । ଏହି ଗସ୍ତ ଅବସରରେ ମନ୍ତ୍ରୀ ଶ୍ରୀ ଚୌହ୍ୱାନ ମିଜୋରାମ ଏବଂ ନାଗାଲାଣ୍ଡରେ କେତେକ ପ୍ରକଳ୍ପର ଉଦ୍‌ଘାଟନ କରିବାର କାର୍ଯ୍ୟସୂଚୀ ରହିଛି । ଆସନ୍ତା ୧୭ ତାରିଖରେ ଗୁଆହାଟୀଠାରେ ମନ୍ତ୍ରୀ ଶ୍ରୀ ଚୌହ୍ୱାନ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସମ୍ପର୍କିତ ଏକ କାର୍ଯ୍ୟକ୍ରମରେ ଯୋଗଦେବେ ।

# ପଞ୍ଜାବ ହୁକ୍ ଟ୍ରେଜେରୀ

ପଞ୍ଜାବ ବିଷାକ୍ତ ମଦ୍ୟପାନ ଜନିତ ମୃତ୍ୟୁ ଘଟଣାରେ ମୃତ୍ୟୁସଂଖ୍ୟା ଗତ ସଂଧ୍ୟା ସୁଦ୍ଧା ୨୩କୁ ବୃଦ୍ଧି ପାଇଥିଲା । ୧୩ଜଣ ଏବେ ବି ଚିକିତ୍ସାଧୀନ ଥିବା ଜଣାପଡିଛି । ଅମୃତସର ସିଭିଲ ସର୍ଜନ ଡକ୍ଟର କିରଣଦୀପ କହିଛନ୍ତି ମାଜିଥା ଏବଂ ଥ୍ରେ ଓ୍ୱାଲ୍ ଅଞ୍ଚଳର ୭ଟି ଗ୍ରାମରେ ଘରକୁଘର ବୁଲି ସର୍ଭେ କାର୍ଯ୍ୟ କରାଯାଇଛି । ଅମୃତସରର ମାଜିଥା ଅନ୍ତର୍ଗତ ୭ଟି ଗ୍ରାମରେ ଇଥାନଲରୁ ପ୍ରସ୍ତୁତ ବିଷାକ୍ତ ମଦ୍ୟପାନ ଯୋଗୁଁ ଏହି ଘଟଣା ଘଟିଥିଲା ।

ଏଥିରେ ଜଡିତ ଅଭିଯୋଗରେ ୧୦ଜଣଙ୍କୁ ଗିରଫ କରାଯାଇଛି । ତଦନ୍ତକାର୍ଯ୍ୟ ଏବେ ମଧ୍ୟ ଜାରି ରହିଛି ବୋଲି ଆମ ସମ୍ବାଦଦାତା ସୂଚନା ଦେଇଛନ୍ତି । ମୁଖ୍ୟମନ୍ତ୍ରୀ ଭଗୱନ୍ତ ସିଂହ ମାନ୍ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି । ମୃତକଙ୍କ ନିକଟ ସମ୍ପର୍କୀୟଙ୍କ ଲାଗି ୧୦ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ରାଶି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି ।

## ଏମ୍ଇଏ-ଚାଇନା ଅରୁଣାଚଳ

ଅରୁଣାଚଳ ପ୍ରଦେଶ ରାଜ୍ୟର କେତେକ ଅଞ୍ଚଳକୁ ନୂତନ ନାମକରଣ କରିବା ନେଇ ଚୀନ୍ର ପ୍ରୟାସକୁ ଭାରତ ପ୍ରତ୍ୟାଖାନ କରିଛି । ଗଣମାଧ୍ୟମର ଏକ ପ୍ରଶ୍ନର ଉତ୍ତରରେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି ଚୀନ୍ର ଏଭଳି କାର୍ଯ୍ୟ ଗ୍ରହଣୀୟ ନୁହେଁ ଏବଂ ଭାରତ ଏହାର ବିରୁଦ୍ଧାଚରଣ କରିଛି । ଅରୁଣାଚଳ ପ୍ରଦେଶ ଭାରତର ଏକ ଅବିଚ୍ଛେଦ୍ୟ ଅଙ୍ଗ ଏବଂ ଯେକୌଣସି ପ୍ରକାର ନାମକରଣ ଏହାର ବାସ୍ତବତାକୁ ବଦଳେଇଦେଇ ପାରିବ ନାହିଁ ବୋଲି ସେ କହିଛନ୍ତି ।

## ପ୍ରେମସାନି-ଭାରତ ୬ଜି କନ୍ଫରେନ୍ସ

ଦ୍ରୁତଗାମୀ ୫-ଜି ଯୋଗାଯୋଗ ବ୍ୟବସ୍ଥାରେ ଭାରତ ଅଗ୍ରଣୀ ଭୂମିକା ଗ୍ରହଣ କରିଛି ବୋଲି ଯୋଗାଯୋଗ ଏବଂ ଗ୍ରାମ୍ୟ ଉନ୍ନୟନ ରାଷ୍ଟ୍ରମନ୍ତ୍ରୀ

ଚନ୍ଦ୍ରଶେଖର ପ୍ରେମାସାନି କହିଛନ୍ତି । ସମଗ୍ର ଦେଶରେ ଗତ ୨ ବର୍ଷମଧ୍ୟରେ ୫-ଜି ଯୋଗାଯୋଗ ବ୍ୟବସ୍ଥା ନେଇ ୪୭୦ରୁ ଅଧିକ ବେଶ୍ ଟ୍ରାନ୍ସିଭର ଷ୍ଟେସନ ବି.ଟି.ଏସ୍ ସ୍ଥାପନ କରାଯାଇଛି ବୋଲି ସେ କହିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତରେ ୫ଜି ଯୋଗାଯୋଗ ବ୍ୟବସ୍ଥା ତ୍ୱରାନ୍ୱିତ ହୋଇଥିବା ସେ କହିଛନ୍ତି । ନୂଆଦିଲ୍ଲୀଠାରେ ଆଜି ଭାରତ ୬-ଜି ୨୦୨୫ ତୃତୀୟ ଆନ୍ତର୍ଜାତିକ ସମ୍ମିଳନୀ ଏବଂ ପ୍ରଦର୍ଶନୀକୁ ସମ୍ବୋଧନ କରି ମନ୍ତ୍ରୀ ଶ୍ରୀ ପ୍ରେମାସାନି ଏହା କହିଛନ୍ତି । ଦେଶର ୮୦ ପ୍ରତିଶତ ଅଞ୍ଚଳରେ ୫-ଜି ଯୋଗାଯୋଗ ବ୍ୟବସ୍ଥା କାର୍ଯ୍ୟକ୍ଷମ ହୋଇଛି । ଏହା ମାଧ୍ୟମରେ ଯୋଗାଯୋଗ ବ୍ୟବସ୍ଥା ଅଧିକ ତ୍ୱରାନ୍ୱିତ ହେବା ସହ ମେକ୍-ଇନ୍-ଇଣ୍ଡିଆ କାର୍ଯ୍ୟକ୍ରମ ମଧ୍ୟ ଗତିଶୀଳ ହୋଇପାରିଛି । ଘରୋଇ ଭାବେ ଦେଶରେ ୪-ଜି ଏବଂ ୫-ଜି ଉପକରଣ ପ୍ରସ୍ତୁତ କରାଯାଇ ପାରୁଛି । ବିଶ୍ୱ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ନେତୃତ୍ୱ ନେବାକୁ ଭାରତ ଅଗ୍ରସର ହେଉଛି ବୋଲି ମନ୍ତ୍ରୀ ଶ୍ରୀ ପ୍ରେମାସାନି ଆଲୋକପାତ କରିବା ସହ ଖୁବ୍‌ଶୀଘ୍ର ୬-ଜି ଯୋଗାଯୋଗ ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବ ବୋଲି କହିଛନ୍ତି ।

## କାନାଡା – ନିଉ କ୍ୟାବିନେଟ୍

କାନାଡା ପ୍ରଧାନମନ୍ତ୍ରୀ ମାର୍କ କାର୍ଣ୍ଣେ' ଅନିତା ଆନନ୍ଦଙ୍କୁ  ଦେଶର ବୈଦେଶିକ ମନ୍ତ୍ରୀ ଭାବେ ନିଯୁକ୍ତ କରିଛନ୍ତି । ନୂତନ କ୍ୟାବିନେଟ୍ ମନ୍ତ୍ରିମଣ୍ଡଳ ଗଠନ କରି ପ୍ରଧାନମନ୍ତ୍ରୀ ଶ୍ରୀ କାର୍ଣ୍ଣେ ଦେଶର ଆନ୍ତର୍ଜାତିକ ବାଣିଜ୍ୟ ମନ୍ତ୍ରୀ ଭାବେ ମନିନ୍ଦର ସିଧୁଙ୍କୁ ଦାୟିତ୍ୱ ଦେଇଛନ୍ତି । ଏଥିସହ ଅନ୍ୟ ୨ଜଣ ପ୍ରବାସୀ ଭାରତୀୟଙ୍କୁ ମଧ୍ୟ ରାଷ୍ଟ୍ରମନ୍ତ୍ରୀ ପାହ୍ୟା ପଦବୀରେ ଅବସ୍ଥାପିତ କରିଛନ୍ତି । ନୂତନ କ୍ୟାବିନେଟ୍‌ର ୨୮ଜଣ ସଦସ୍ୟଙ୍କର ନାମ ଘୋଷଣା କରିବା ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ କାର୍ଣ୍ଣେ ସେମାନଙ୍କୁ ନୂତନ ଚିନ୍ତାଧାରା ଏବଂ ନିଷ୍ପତ୍ତି ମୂଳକ ପଦକ୍ଷେପ ଗ୍ରହଣ ନେଇ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଛନ୍ତି ।

## ୟୁପିଏସ୍‌ସି-ଚେୟାରମ୍ୟାନ୍

କେନ୍ଦ୍ର ପବ୍ଲିକ ସର୍ଭିସ୍ କମିଶନଙ୍କ ଅଧ୍ୟକ୍ଷ ଭାବେ ଡକ୍ଟର ଅଜୟ କୁମାରଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନିଯୁକ୍ତ କରିଛନ୍ତି । କାର୍ମିକ ଏବଂ ତାଲିମ ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଡକ୍ଟର କୁମାର ଦାୟିତ୍ୱଗ୍ରହଣ କରିବା ଦିନଠାରୁ ଅଧ୍ୟକ୍ଷ ଭାବେ ତାଙ୍କର କାର୍ଯ୍ୟକାଳ ଆରମ୍ଭ ହେବ । ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଡକ୍ଟର କୁମାର ଅଗଷ୍ଟ ୨୦୧୯ରୁ ଅକ୍ଟୋବର ୨୦୨୨ ପର୍ଯ୍ୟନ୍ତ ପ୍ରତିରକ୍ଷା ସଚିବ ଭାବେ କାର୍ଯ୍ୟ କରିଥିଲେ ।

## କୋଲ ଇମ୍‌ପୋର୍ଟସ୍

୨୦୨୪ ଏପ୍ରିଲ୍‌ରୁ ୨୦୨୫ ଫେବୃୟାରୀ ମାସ ମଧ୍ୟରେ  ହୋଇଥିବା କୋଇଲା ଆମଦାନୀ ପରିମାଣ ଗତବର୍ଷର ଏହି ସମୟ ତୁଳନାରେ ୯ ଦଶମିକ୍ ୨ ପ୍ରତିଶତ ହ୍ରାସ ପାଇଛି । କୋଇଲା ମନ୍ତ୍ରଣାଳୟ ପକ୍ଷରୁ ଜାରି କରାଯାଇଥିବା ଏକ ବିବୃତ୍ତିରେ ଏହି ସୂଚନା ଦିଆଯାଇଛି । ମନ୍ତ୍ରଣାଳୟ କହିଛି, ଚଳିତ ଆର୍ଥିକ ବର୍ଷର ଏହି ଅବଧି ମଧ୍ୟରେ ୨୨୦ ମିଲିୟନ୍ ଟନ୍ କୋଇଲା ଆମଦାନୀ ହୋଇଥିବା ବେଳେ ପୂର୍ବ ଆର୍ଥିକ ବର୍ଷର ଏହି ସମୟରେ ୨୪୨ ମିଲିୟନ୍ ଟନ୍ କୋଇଲା ଆମଦାନୀ କରାଯାଇଥିଲା । ଆମଦାନୀ ହ୍ରାସ ପାଇବା ଦ୍ୱାରା ବୈଦେଶିକ ବିନିମୟ ସଞ୍ଚୟ ପ୍ରାୟ ୬ ଦଶମିକ୍ ୯/୩ ବିଲିୟନ୍ ଡଲାର୍ ହୋଇପାରିଛି ବୋଲି ମନ୍ତ୍ରଣାଳୟ କହିଛି । ସେହିଭଳି ୨୦୨୪ ଏପ୍ରିଲ୍‌ରୁ ୨୦୨୫ ଫେବୃୟାରୀ ମାସ ମଧ୍ୟରେ କୋଇଲା ଭିତ୍ତିକ ବିଦ୍ୟୁତ୍ ଉତ୍ପାଦନ ପୂର୍ବ ଆର୍ଥିକ ବର୍ଷର ଏହି ସମୟ ତୂଳନାରେ ୨ ଦଶମିକ୍ ୮/୭ ପ୍ରତିଶତ ବୃଦ୍ଧି ପାଇଛି ବୋଲି ମନ୍ତ୍ରଣାଳୟ ପକ୍ଷରୁ ଜାରି କରାଯାଇଥିବା ବିବୃତ୍ତିରେ କୁହାଯାଇଛି ।

## ବ୍ୟାଡ୍‌ମିଣ୍ଟନ

ବ୍ୟାଙ୍କକ୍‌ରେ ଚାଲିଥିବା ଥାଇଲାଣ୍ଡ ଓପନ୍ ବ୍ୟାଡ୍‌ମିଣ୍ଟନ୍ ଚାମ୍ପିୟନସିପ୍‌ରେ ଭାରତର ଆକର୍ଷି କାଶ୍ୟପ ଏବଂ ଉନ୍ନତି ହୁଡା ପ୍ରି କ୍ୱାର୍ଟର

ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି । ଆକର୍ଷି କାଶ୍ୟପ ମହିଳା ଏକକ ବର୍ଗରେ ଜାପାନ୍‌ର ପ୍ରତିପକ୍ଷଙ୍କୁ ପରାସ୍ତ କରିଥିବାବେଳେ ଉନ୍ନତି ହୁଡା ଥାଇଲାଣ୍ଡର ପ୍ରତିଯୋଗୀଙ୍କୁ ହରାଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି । ଅନ୍ୟପକ୍ଷରେ ପୁରୁଷ ଏକକ ବର୍ଗରେ ପ୍ରିୟାଂଶୁ ରାଜାଓ୍ଵତ୍ ଏବଂ ଲକ୍ଷ୍ୟ ସେନ୍ ପରାସ୍ତ ହୋଇଛନ୍ତି ।